# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୭୫ (ଓଡ଼ିଆ ବୁଲେଟିନ) ସପ୍ତାହ – ୩୮ ତାରିଖ: ୧୮.୦୯.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୧୨.୦୯.୨୦୨୬ ରୁ ୧୮.୦୯.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| 33 | 24 | 32.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୯-୦୯-୨୦୨୬ | ୨୦-୦୯-୨୦୨୬ | ୨୧-୦୯-୨୦୨୬ | ୨୨-୦୯-୨୦୨୬ | ୨୩-୦୯-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 6 | 8 | 6 | 5 | 7 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 32 | 33 | 32 | 32 | 31 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 24 | 24 | 23 | 23 |
| ମେଘ ଆବରଣ(ଓକଟା) | 4 | 4 | 4 | 4 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 93 | 93 | 93 | 93 | 88 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 60 | 66 | 63 | 61 | 61 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 5 | 2 | 6 | 6 | 6 |
| ପବନର ଦିଗ (ଡିଗ୍ରୀ) | 266 | 338 | 67 | 75 | 52 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକା ବର୍ଷା ହେବା ଏବଂ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ବନିପାରେ । ଆଗାମୀ ଦିନଗୁଡ଼ିକରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୨ ରୁ ୦୬ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ, ଉତ୍ତର-ପଶ୍ଚିମ ଓ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

**ସତର୍କତା:** ଆସନ୍ତା ଦିନରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ **ବଜ୍ରପାତ ସହିତ ଘଡ଼ଘଡ଼ି ଓ ଝଟକା ପବନ (ପବନର ବେଗ ଘଣ୍ଟା ପ୍ରତି ୪୦ ରୁ ୫୦ କି.ମି. ପର୍ଯ୍ୟନ୍ତ)** ହେବାର ସମ୍ଭାବନା ରହିଅଛି ।

### ସାଧାରଣ ଉପଦେଶ

- ପରବର୍ତ୍ତୀ ଦୁଇ ସପ୍ତାହର ବିସ୍ତାରିତ ଅବଧି ପୂର୍ବାନୁମାନ ଅନୁସାରେ, **ପ୍ରଥମ ସପ୍ତାହ (୧୮ ରୁ ୨୪ ସେପ୍ଟେମ୍ବର, ୨୦୨୬)** ମଧ୍ୟରେ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ସାମଗ୍ରିକ ବର୍ଷା କାର୍ଯ୍ୟକଳାପ **ସ୍ୱାଭାବିକ କିମ୍ବା ସ୍ୱାଭାବିକରୁ କମ୍** ରହିବାର ସମ୍ଭାବନା ଥିବାବେଳେ, **ଦ୍ୱିତୀୟ ସପ୍ତାହ (୨୫ ସେପ୍ଟେମ୍ବର ରୁ ୧ ଅକ୍ଟୋବର, ୨୦୨୬)** ମଧ୍ୟରେ ଓଡ଼ିଶା ଅଞ୍ଚଳରେ ସାମଗ୍ରିକ ବର୍ଷା **ସ୍ୱାଭାବିକ କିମ୍ବା ସ୍ୱାଭାବିକରୁ ଅଧିକ** ରହିବାର ସମ୍ଭାବନା ରହିଅଛି ।
- ପ୍ରଚଳିତ ଖରା ଓ ମେଘୁଆ ପାଗର ପରିବର୍ତ୍ତନଶୀଳ ପରିସ୍ଥିତିରେ, କୃଷକଭାଇମାନେ ନିୟମିତ ଭାବେ କୀଟପତଙ୍ଗର ନିରୀକ୍ଷଣ କରିବା ସହିତ ଜମିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ସନ୍ତୁଳିତ ମୃତ୍ତିକା ଆର୍ଦ୍ରତା ବଜାୟ ରଖନ୍ତୁ ।
- ପର୍ଯ୍ୟାୟକ୍ରମେ ମେଘୁଆ ପାଗ ଏବଂ ଅଧିକ ଆର୍ଦ୍ରତା କୀଟପତଙ୍ଗ ଓ କବକଜନିତ ରୋଗର ଦ୍ରୁତ ବୃଦ୍ଧି ପାଇଁ ଅନୁକୂଳ ଅଟେ । ଉଷ୍ମ, ଆର୍ଦ୍ର ଓ ମେଘୁଆ ପାଗରେ ବିଭିନ୍ନ ପନିପରିବା ଫସଲରେ ଜଉ ପୋକ, ଉକୁଣିଆ ପୋକ ଓ ଫଳବିନ୍ଧା ପୋକର ଆକ୍ରମଣ ବଢ଼ିବାର ଦେଖାଦେଇପାରେ । ତେଣୁ କ୍ଷତିର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ ପାଇଁ ଚାଷୀଭାଇମାନେ ନିୟମିତ ଭାବେ କ୍ଷେତର ପରିଦର୍ଶନ କରୁଥାନ୍ତୁ ।
- ଠିଆ ଫସଲରେ ପର୍ଯ୍ୟାପ୍ତ ମୃତ୍ତିକା ଆର୍ଦ୍ରତା ବଜାୟ ରଖନ୍ତୁ । ହଠାତ୍ ବର୍ଷା ହେଲେ ଜମିରେ ପାଣି ଜମିବାକୁ ନଦେବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।

